ଭାରତ ସଂଘ ଏବଂ ଅନ୍ୟମାନେ

ବନାମ

ନରେନ୍ଦର ସିଂହ

ଜୁଲାଇ 29, 2005

[ଅରିଜିତ ପଶାୟତ ଏବଂ ଏଚ୍.କେ. ସେମା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ବେଆଇନ ପରିତୋଷଣ ଆଧାରରେ ଜଣେ କର୍ମଚାରୀଙ୍କୁ ବରଖାସ୍ତ କରିବା - ଅପିଲ ପ୍ରାଧିକାରୀଙ୍କ ଦ୍ୱାରା ଆବେଦନ ଖାରଜ - କର୍ମଚାରୀଙ୍କୁ ପୁନଃସ୍ଥାପିତ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନ୍ୟାୟାଧିକରଣ ଓଲଟା ନିର୍ଦ୍ଦେଶ ଦେଇଛନ୍ତି - ଆପତ୍ତି - ନିଷ୍ଫଳ କାରଣରୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ ହେଲା - ଆବେଦନ ଉପରେ, ନିର୍ଣ୍ଣୟ କରାଗଲା : କେବଳ ନିଯୁକ୍ତିଦାତାଙ୍କ ଦ୍ୱାରା ପୁନଃସ୍ଥାପନ ଆଦେଶ କାର୍ଯ୍ୟକାରୀ ହୋଇଥିବାରୁ, ଏହା ଆବେଦନକୁ ନିଷ୍ଫଳ କରିନଥିଲା - ତେଣୁ ଏହି ମାମଲାକୁ ଯୋଗ୍ୟତା ଆଧାରରେ ନୂତନ ଭାବେ ଫଏସଲା କରିବା ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଛି ।*

*ଶବ୍ଦ ଏବଂ ବାକ୍ୟାଂଶ :*

*'ନିଷ୍ଫଳ' - ଅର୍ଥ*

ଦୁଇ ଜଣ ଆଫଗାନ ନାଗରିକ ସୀମା ଶୁଳ୍କ ପ୍ରଦାନ ନକରି ସେମାନଙ୍କୁ ସୀମା ଶୁଳ୍କରୁ ଛାଡ କରି ସେମାନଙ୍କଠାରୁ ବେଆଇନ ପରିତୋଷଣ ଗ୍ରହଣ କରିଥିବା ଅଭିଯୋଗରେ ଉତ୍ତରଦାତା-କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଶେଷରେ ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କୁ ବରଖାସ୍ତ କରାଯାଇଥିଲା । ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ମଧ୍ୟ ଅପିଲ ପ୍ରାଧିକାରୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହି ଆଦେଶଗୁଡ଼ିକୁ ଆପତ୍ତି କରି, ଉତ୍ତରଦାତା-କର୍ମଚାରୀ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ନିକଟରେ ମୂଳ ଆବେଦନ ଦାଖଲ କରିଥିଲେ । ଉତ୍ତରଦାତା-କର୍ମଚାରୀଙ୍କୁ ତୁରନ୍ତ ପୁନଃସ୍ଥାପିତ କରିବାକୁ ନିଯୁକ୍ତିଦାତାଙ୍କୁ ନିର୍ଦ୍ଦେଶ ଦେଇ ନ୍ୟାୟାଧିକରଣ ଏହି ଆଦେଶକୁ ରଦ୍ଦ କରିଦେଇଥିଲେ । ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ରିଟ୍ ଆବେଦନ ଦାଖଲ କରି ନିଯୁକ୍ତିଦାତା ଏହି ଆଦେଶ ଉପରେ ପ୍ରଶ୍ନ ଉଠାଇଥିଲେ । ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଏକ ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠ ଆବେଦନକୁ ନିଷ୍ଫଳ ବୋଲି ଦର୍ଶାଇ ଖାରଜ କରିଦେଇଥିଲେ । ତେଣୁ ବର୍ତ୍ତମାନର ଆବେଦନଟି ।

ଆବେଦନକୁ ଅନୁମତି ଦେଇ, ନ୍ୟାୟାଳୟ

ନିର୍ଣ୍ଣୟ କଲେ : 1.1. ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସ୍ୱଷ୍ଟ ଭାବେ ଅରକ୍ଷଣୀୟ । କେବଳ ଆବେଦନକାରୀଙ୍କ ଦ୍ୱାରା ପୁନଃସ୍ଥାପନର ଆଦେଶ କାର୍ଯ୍ୟକାରୀ ହୋଇଥିବାରୁ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ କରାଯାଇଥିବା ପରି ରିଟ୍ ଆବେଦନକୁ ନିଷ୍ଫଳ କରିନଥିଲା ।

*ଭାରତ ସଂଘ ବନାମ ଜି.ଆର୍. ପ୍ରଭାବଲକର ଏବଂ ଅନ୍ୟମାନେ,* **[1973] 4 SCC 183, ଉପରେ ନିର୍ଭର କରାଯାଇଥିଲା ।**

**1.2. 'ନିଷ୍ଫଳ' ଅଭିବ୍ୟକ୍ତିର ଅର୍ଥ ହେଉଛି ପ୍ରଭାବହୀନ, ଅଫଳପ୍ରଦ ଏବଂ ଫଳହୀନ । ଏକ ଆଦେଶ କାର୍ଯ୍ୟକାରୀ କରିବା ଦ୍ୱାରା, ଆଦେଶର ବୈଧତା ପ୍ରତି ଥିବା ଆପତ୍ତି ନିଶ୍ଚିହ୍ନ ହୁଏ ନାହିଁ କିମ୍ବା ଅନାବଶ୍ୟକ ହୋଇଯାଏ ନାହିଁ । ତେଣୁ, ଯୋଗ୍ୟତା ଆଧାରରେ ନୂତନ ଭାବେ ଫଏସଲା କରିବା ପାଇଁ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଛି । ଏହା ସ୍ପଷ୍ଟ କରାଯାଇଛି ଯେ ମାମଲାର ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରାଯାଇ ନାହିଁ ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1813/2003 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 5869/2001ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ତା 5.12.2001 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏ. ଶରଣ, ଏସ୍. ୱାସିମ ଏ. କାଦରୀ, ଅମିତ ଆନନ୍ଦ ତିୱାରୀ, ଶ୍ରୀମତୀ ଅନୀଲ କଟିୟାର ଏବଂ ଡି.ଏସ୍. ମହରା ଥିଲେ ।

ରାଜୀବ ଦତ୍ତ ଏବଂ ଡକ୍ଟର କୈଳାସ ଚାନ୍ଦ ଉତ୍ତରଦାତାଙ୍କ ପାଇଁ ।

**ନ୍ୟାୟମୂର୍ତ୍ତି, ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

ଭାରତୀୟ ସଂଘ ଏବଂ ନୂଆଦିଲ୍ଲୀର ଅତିରିକ୍ତ ପୋଲିସ କମିଶନର (ଓପିଏସ), ବର୍ତ୍ତମାନର ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟ୍ ଆବେଦନକୁ ନିଷ୍ଫଳ ବୋଲି ଖାରଜ କରି ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଏକ ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠ ଦେଇଥିବା ଆଦେଶର ସଠିକତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

ଏହି ବିବାଦ ଏକ ଅତ୍ୟନ୍ତ ସଂକୀର୍ଣ୍ଣ ପରିସର ମଧ୍ୟରେ ରହିଛି ଏବଂ ଏହା ନିମ୍ନରେ ଦିଆଗଲା :

ଉତ୍ତରଦାତା (ଏଠାରେ 'କର୍ମଚାରୀ' ଭାବରେ ସୂଚିତ) ଙ୍କ ବିରୋଧରେ ବିଭାଗୀୟ ବିଭାଗୀୟ ଅଭିଯୋଗ ହୋଇଥିଲା ଯେ 27/28.2.1996 ରେ ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତୀୟ ବିମାନ ବନ୍ଦରର ଭିଜିଲେନ୍ସ ସେଲରେ ଅବସ୍ଥାପିତ ଥିବାବେଳେ ସେ ଦୁଇ ଆଫଗାନିସ୍ତାନ ନାଗରିକଙ୍କୁ ସୀମା ଶୁଳ୍କ ପ୍ରଦାନ ନକରି ସୀମା ଶୁଳ୍କରୁ ଛାଡ କରି ବେଆଇନ ପରିତୋଷଣ ଗ୍ରହଣ କରିଥିଲେ । ଶେଷରେ ତାଙ୍କୁ ତା 7.8.1997 ରିଖର ଆଦେଶ ଦ୍ୱାରା ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ବରଖାସ୍ତ କରାଯାଇଥିଲା । ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ମଧ୍ୟ ତା 20.11.1997 ରିଖର ଆଦେଶ ଦ୍ୱାରା ଅପିଲ ପ୍ରାଧିକାରୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହି ଆଦେଶଗୁଡ଼ିକୁ ଆପତ୍ତି କରି ଉତ୍ତରଦାତା-କର୍ମଚାରୀ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ମୁଖ୍ୟ ବିଚାରପୀଠ,

ନୂଆଦିଲ୍ଲୀ (ସଂକ୍ଷେପରେ 'ନ୍ୟାୟାଧିକରଣ')ଙ୍କ ନିକଟରେ ମୂଳ ଆବେଦନ ଦାଖଲ କରିଥିଲେ । ତା 21.11.2000 ରିଖର ଆଦେଶ ଦ୍ୱାରା, ନ୍ୟାୟାଧିକରଣ ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ତା 7.8.1997 ରିଖର ବରଖାସ୍ତ ଆଦେଶ ଏବଂ ଅପିଲ ପ୍ରାଧିକାରୀଙ୍କ ଦ୍ୱାରା ପାରିତ ତା 20.11.1997 ରିଖର ଆଦେଶକୁ ରଦ୍ଦ ଏବଂ ବାତିଲ କରିଦେଇଥିଲେ । ଉତ୍ତରଦାତା-କର୍ମଚାରୀଙ୍କୁ ତୁରନ୍ତ ପୁନଃସ୍ଥାପିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଆଦେଶକୁ ବର୍ତ୍ତମାନର ଆବେଦନକାରୀଙ୍କ ଦ୍ୱାରା ଭାରତୀୟ ସମ୍ବିଧାନ, 1950 (ସଂକ୍ଷେପରେ 'ସମ୍ବିଧାନ')ର ଅନୁଚ୍ଛେଦ 226 ଅନୁଯାୟୀ ରିଟ୍ ଆବେଦନ ଦାଖଲ କରି ପ୍ରଶ୍ନ କରାଯାଇଥିଲା । ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠ ତା 5.12.2001 ରିଖର ଆଦେଶ ଦ୍ୱାରା ନିମ୍ନୋକ୍ତ ମନ୍ତବ୍ୟ ଦେଇ ରିଟ୍ ଆବେଦନକୁ ନିଷ୍ଫଳ ବୋଲି ଦର୍ଶାଇ ଖାରଜ କରିଦେଇଛନ୍ତି :

> "ଆମକୁ ଅବଗତ କରାଯାଇଛି ଯେ OA. 95/98 ରେ ପାରିତ ହୋଇଥିବା ତା 21.11.2000 ରିଖର ନ୍ୟାୟାଧିକରଣଙ୍କ ଆଦେଶ ଅନୁଯାୟୀ ଉତ୍ତରଦାତା ପୂର୍ବରୁ ସେବାରେ ପୁନଃସ୍ଥାପିତ ହୋଇସାରିଛନ୍ତି, ଯାହା ଏହି ଆବେଦନକୁ ନିଷ୍ଫଳ ବୋଲି ଦର୍ଶାଇଛି । କିନ୍ତୁ ଆବେଦନକାରୀଙ୍କ ପାଇଁ ଏଲ/ସି ତଥାପି ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ ବୋଲି ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥିଲେ ।   ଆମେ ପ୍ରଭାବିତ ହୋଇନାହୁଁ କାରଣ ଆବେଦନକାରୀ ନ୍ୟାୟାଧିକରଣଙ୍କ ଆଦେଶକୁ କାର୍ଯ୍ୟକାରୀ କରିସାରିଛନ୍ତି ।
>
> ସେହି ଅନୁଯାୟୀ, ରିଟ୍ ଆବେଦନ ନିଷ୍ଫଳ କାରଣରୁ ଖାରଜ ହୋଇଛି ।"

ବର୍ତ୍ତମାନର ଆବେଦନରେ ଆବେଦନକାରୀଙ୍କ ଆଭିମୁଖ୍ୟ ହେଉଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ସ୍ପଷ୍ଟ ଭାବରେ ଅସମର୍ଥନୀୟ । କେବଳ ଏଥିପାଇଁ ଯେ ଆବେଦନକୁ ଏହାଦ୍ୱାରା ନିଷ୍ଫଳ କରିନଥିବା ଆକ୍ଷେପିତ ଆଦେଶ ଅନୁଯାୟୀ ଉତ୍ତରଦାତା-କର୍ମଚାରୀଙ୍କୁ ଚାକିରିରେ ପୁନଃସ୍ଥାପିତ କରାଯାଇଥିଲା । ଏହାର ଉତ୍ତରରେ, ଉତ୍ତରଦାତା-କର୍ମଚାରୀଙ୍କ ବିଦ୍ୱାନ ଓକିଲ ଦର୍ଶାଇଥିଲେ ଯେ ନ୍ୟାୟାଧୀକରଣଙ୍କ ଆଦେଶ ଦୋଷମୁକ୍ତ ଏବଂ ଏପରିକି ଯୋଗ୍ୟତା ଆଧାରରେ ଉକ୍ତ ଆଦେଶରେ ହସ୍ତକ୍ଷେପ କରିବାର କୌଣସି ପରିସର ନାହିଁ । ଏପରିକି ଅନ୍ୟଥା ପୁନଃସ୍ଥାପନ ଆଦେଶ ପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯଥାର୍ଥ ଭାବରେ କୁହାଯାଇଥିବା ରିଟ୍ ଆବେଦନ  ପ୍ରକୃତରେ ନିଷ୍ଫଳ ହୋଇଯାଇଥିଲା ।

ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସ୍ପଷ୍ଟ ଭାବେ ଅରକ୍ଷଣୀୟ । ନ୍ୟାୟାଧିକାରଣଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ଦ୍ୱାରା ନ୍ୟାୟାଧିକାରଣଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଥିବା ଏକ ରିଟ୍ ଆବେଦନ ନିଷ୍ଫଳ ହୋଇଯାଏ ନାହିଁ । କେବଳ ଯେହେତୁ ପୁନଃସ୍ଥାପନ ଆଦେଶ ଆବେଦନକାରୀଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା, ତାହା ରିଟ୍ ଆବେଦନକୁ ନିଷ୍ଫଳ କରିନଥିଲା, ଯେପରିକି ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି । ଏହି ସ୍ଥିତି *ଭାରତ ସଂଘ ବନାମ ଜି.ଆର. ପ୍ରଭାବଲକର ଏବଂ ଅନ୍ୟମାନେ,* [1973] 4 SCC 183 ରେ ସ୍ପଷ୍ଟ ଭାବରେ କୁହାଯାଇଛି । ନିଷ୍ପତ୍ତିର ଅନୁଚ୍ଛେଦ 23 ରେ ଏହା ନିମ୍ନମତେ ପର୍ଯ୍ୟବେକ୍ଷଣ କରାଯାଇଥିଲା :

"ବିଦ୍ୱାନ ଓକିଲ, ଶ୍ରୀ ସିଂଭି, ତା 'ପରେ ଆମକୁ ଏହି ତଥ୍ୟ ବିଷୟରେ କହିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ରାଜ୍ୟ ସରକାର 1971 ମସିହା ମାର୍ଚ୍ଚ 19 ତାରିଖରେ ଏକ ଆଦେଶ ପାରିତ କରିଛନ୍ତି, ଯାହାର ପ୍ରଭାବ ହେଉଛି ପୂର୍ବତନ ମଧ୍ୟପ୍ରଦେଶ ରାଜ୍ୟର ବିକ୍ରୟ ଟିକସ ଅଧିକାରୀମାନଙ୍କୁ ବମ୍ବେର ଗ୍ରେଡ III ର ବିକ୍ରୟ ଟିକସ ଅଧିକାରୀଙ୍କ ସହ ସମାନ କରିବା । ଆମ ମତରେ, ଏହି ଆଦେଶ କେବଳ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ହୋଇଛି । ଏହା ସେହି ସମୟରେ କରାଯାଇଥିଲା ଯେତେବେଳେ ରାୟ ବିରୋଧରେ ହୋଇଥିବା ଆବେଦନ ଏହି ନ୍ୟାୟାଳୟରେ ବିଚାରାଧୀନ ଥିଲା । ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ପଦକ୍ଷେପ ନେଇଥିବାରୁ ଏହା ଅନୁମାନ କରାଯାଇପାରିବ ନାହିଁ ଯେ ଭାରତୀୟ ସଂଘର ଆବେଦନ ନିଷ୍ଫଳ ହୋଇଯାଇଛି ।"

ନିଷ୍ଫଳ ଅଭିବ୍ୟକ୍ତିର ଅର୍ଥ ହେଉଛି ପ୍ରଭାବହୀନ, ଅଫଳପ୍ରଦ ଏବଂ ଫଳହୀନ । ଏହା ଲାଟିନ ଶବ୍ଦ "ଫ୍ରୁକ୍ଟସ୍" (ଫଳ) ରୁ ଉତ୍ପନ୍ନ ହୋଇଛି । ଏକ ଆଦେଶକୁ କାର୍ଯ୍ୟକାରୀ କରିବା ଦ୍ୱାରା, ଆଦେଶର ବୈଧତା ପ୍ରତି ଥିବା ଆପତ୍ତି ନିଶ୍ଚିହ୍ନ ହୁଏ ନାହିଁ ଏବଂ ଅନାବଶ୍ୟକ ହୁଏ ନାହିଁ ।

ଅନିବାର୍ଯ୍ୟ ପରିଣାମ ହେଉଛି ଯେ ଆବେଦନ ଅନୁମତି ଦିଆଯିବା ଯୋଗ୍ୟ ଯାହା ଆମେ ନିର୍ଦ୍ଦେଶ ଦେଉଛୁ । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଯାଉଛି ଏବଂ ଯୋଗ୍ୟତା ଆଧାରରେ ନୂତନ ଫଏସଲା ପାଇଁ ମାମଲାଟିକୁ ପଠାଯାଉଛି । ଆମେ ଏହା ସ୍ପଷ୍ଟ କରୁଛୁ ଯେ ମାମଲାର ଯୋଗ୍ୟତା ଉପରେ ଆମେ କୌଣସି ମତ ପ୍ରକାଶ କରିନାହୁଁ ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଆବେଦନକୁ ଅନୁମତି ଦିଆଯାଇଛି ।

ଏସ୍.କେ.ଏସ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।